# ଅଧ୍ୟାୟ ୧୦

## ପାଠର ନାମ–ଅକ୍ଟୋପସ୍–ଜୀବବିଜ୍ଞାନ ସମ୍ବନ୍ଧୀୟ ଏକ ପ୍ରବନ୍ଧ

**ଗଠନକ୍ରମ**


୧୦.୦ ଉଦ୍ଦେଶ୍ୟ

୧୦.୧ ଉପକ୍ରମ

୧୦.୨ ମୂଳପାଠର ପ୍ରଥମାଂଶ

୧୦.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

୧୦.୨.୨ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣଗତ ପ୍ରଶ୍ନ

୧୦.୩ ମୂଳପାଠର ଦ୍ୱିତୀୟାଂଶ

୧୦.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧୦.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୧୦.୪ ମୂଳପାଠର ତୃତୀୟାଂଶ

୧୦.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧୦.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୧୦.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧୦.୫ ପାଠର ସାରାଂଶ

୧୦.୬ ଶବ୍ଦାର୍ଥ

୧୦.୭ ପଠନ ଅଭ୍ୟାସ

୧୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୦.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୧୦.୦ ଉଦ୍ଦେଶ୍ୟ

ସୃଷ୍ଟିରେ ବିଭିନ୍ନ ପ୍ରକାର ଜୀବ ଦେଖାଯାନ୍ତି । ପ୍ରତ୍ୟେକ ପ୍ରକାର ଜୀବ ନିଜ ଜୀବନ ଧାରଣ କ୍ରିୟାରେ ସ୍ୱତନ୍ତ୍ର । ପ୍ରତ୍ୟେକ ପ୍ରକାର ଜୀବ ରୂପଭେଦରେ, ଜୀବନଧାରାର ଭିନ୍ନତାରେ ପରସ୍ପରଠାରୁ ପୃଥକ ହୋଇଥିବାରୁ ସୃଷ୍ଟିର ବୈଚିତ୍ର୍ୟ ଅନୁଭବ କରିହୁଏ । ଜଳରେ କେତେକ, ସ୍ଥଳରେ କେତେକ ଜୀବ ଦେଖାଯାନ୍ତି । ପୃଥିବୀର ଭୌଗୋଳିକ ପରିବେଶ ଅନୁସାରେ ସ୍ଥାନ ଭେଦରେ ଜୀବଜଗତର ଭିନ୍ନତା ଲକ୍ଷ୍ୟ କରିହୁଏ । ମନୁଷ୍ୟ ହେଉଛି ସୃଷ୍ଟିର ଶ୍ରେଷ୍ଠଜୀବ । ତାର ଜିଜ୍ଞାସା ତାକୁ ପ୍ରଗତି ପଥରେ ବହୁଦୂର ଅଗ୍ରଗତି କରିବା ପାଇଁ ଦେଇଛି ସାମର୍ଥ୍ୟ ଓ ପ୍ରେରଣା । ମହାଶୂନ୍ୟ ସମ୍ପର୍କରେ ଗବେଷଣା କରି ମଣିଷ ନୂଆ ନୂଆ ତଥ୍ୟ ପାଇଛି, ମହାସମୁଦ୍ରର ବିଶାଳ ଗର୍ଭରେ ପରୀକ୍ଷା କରି ନୂଆ ନୂଆ ଜ୍ଞାନ ଅର୍ଜନ କରିଛି । ଏହି ବୈଜ୍ଞାନିକ ତଥ୍ୟର ଅନୁଶୀଳନ କେବଳ ଯେ ମନୁଷ୍ୟର ଜ୍ଞାନପିପାସା ମେଣ୍ଟାଇଛି ତା' ନୁହେଁ ମଣିଷର ସର୍ବାଙ୍ଗୀନ ବିକାଶରେ ମଧ୍ୟ ସହାୟତା କରିଛି । ବିଜ୍ଞାନର ଅନ୍ୟାନ୍ୟ ବିଭାଗ ପରି ଜୀବ ବିଜ୍ଞାନ କ୍ଷେତ୍ରରେ ବହୁ ଗବେଷଣା ଅବ୍ୟାହତ ରହିଛି । ଜୀବଜଗତ ସମ୍ପର୍କରେ ବହୁବିଧ ଜ୍ଞାନ ଆହରଣ କରିବା ଦ୍ୱାରା ବୈଜ୍ଞାନିକମାନେ ଚିକିତ୍ସା କ୍ଷେତ୍ରରେ, ମନସ୍ତତ୍ତ୍ୱ କ୍ଷେତ୍ରରେ ବହୁ ନୂତନ ଦିଗନ୍ତ ଉନ୍ମୋଚନ କରିପାରୁଛନ୍ତି ।

ଆଲୋଚ୍ୟ ପାଠରେ ଅକ୍ଟୋପସ ସମ୍ବନ୍ଧରେ କେତେକ ତଥ୍ୟର ଉପସ୍ଥାପନା କରାଯାଇଛି । ଏହି ପାଠଟିର ଲେଖକ ହେଉଛନ୍ତି ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋ । ଶ୍ରୀଯୁକ୍ତ କାନୁନ୍‌ଗୋ ସରଳ ଭାଷାରେ ଅକ୍ଟୋପସର ଜୀବନ ଧାରଣ ପ୍ରଣାଳୀ, ଶରୀର ଗଠନ, ଆତ୍ମରକ୍ଷା ପାଇଁ ବିବିଧ ଉପାୟ ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଛନ୍ତି ।

## ୧୦.୧ ଉପକ୍ରମ

ଅକ୍‌ଟୋପସ ସମ୍ପର୍କରେ ବହୁ ତଥ୍ୟ ସମ୍ବଳିତ ଲେଖାଟି ଏକାଧାରରେ ସୁଖପାଠ୍ୟ ଓ ଶିକ୍ଷଣୀୟ ହୋଇଛି । ସରଳ ଭାଷା ଓ ହୃଦୟଗ୍ରାହୀ ଶୈଳୀରେ ଏହା ଲିପିବଦ୍ଧ ହୋଇଥିବାରୁ ପ୍ରତ୍ୟେକ ସ୍ତରର ପାଠକମାନେ ଏହାକୁ ପାଠକରି ଆନନ୍ଦ ଲାଭ କରିଛନ୍ତି । ଅକ୍‌ଟୋପସର ଆକାର, ଶରୀର ଗଠନ, ଖାଦ୍ୟ ଗ୍ରହଣ ପ୍ରଣାଳୀ, ବାସସ୍ଥାନ ସମ୍ପର୍କରେ ଏହି ପାଠରେ ଆଲୋଚନା କରିଛନ୍ତି ସୁଲେଖକ ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋ ।

ଶ୍ରୀଯୁକ୍ତ କାନୁନ୍‌ଗୋ ଉତ୍କଳ ସାରସ୍ୱତ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର । ସରଳ ଭାଷାରେ ଗଭୀର ତତ୍ତ୍ୱର ଉପସ୍ଥାପନା କରିବାରେ ସେ ସିଦ୍ଧହସ୍ତ । 'ଜ୍ଞାନମଣ୍ଡଳ' ପୁସ୍ତକ ତାଙ୍କର ଅମ୍ଳାନକୃତି । ଏ ପର୍ଯ୍ୟନ୍ତ ପ୍ରାୟ ୪୦ ଖଣ୍ଡ ଜ୍ଞାନମଣ୍ଡଳ ପ୍ରକାଶିତ ହୋଇସାରିଲାଣି । ଆମର ଆଲୋଚ୍ୟ ପାଠଟି ଜ୍ଞାନମଣ୍ଡଳରୁ ଆନୀତ । ଜ୍ଞାନମଣ୍ଡଳ ବ୍ୟତୀତ ତାଙ୍କର ଅନେକ ସୃଷ୍ଟି ରହିଛି । ୧୯୪୦ ମସିହାରେ ପ୍ରକାଶିତ ସପ୍ତାଶ୍ୱ ତାଙ୍କର ପ୍ରଥମ ପୁସ୍ତକ । ପବନ, ଜାପାନର କୃଷି ଓ ଶିଳ୍ପ, ଜାତୀୟକବି ବୀରକିଶୋର, ଗୋପବନ୍ଧୁ ପ୍ରଭୃତି ବିଶିଷ୍ଟ କୃତି ମାଧ୍ୟମରେ ସ୍ରଷ୍ଟା ତାଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ତିନିଖଣ୍ଡି କାଉଁରୀହାଡ଼, ଜୀବନ ତିଆରି କାରଖାନା, ଚଳନ୍ତା ଘଇଚର ଅମୁହାଁ ନଈ, ମା ଭଳି ମେସିନଟିଏ, ଦୁଇଶହ ଗାଡ଼ିକି ଛଅଶହ ଇଞ୍ଜିନ, ପେଟେ ଖାଇଲେ ବି ଉପାସ, ଅଳ୍ପକେ କଲି ତୁଟିଗଲା, ବାଛ ତୁମ ପୁତ୍ତାପୁଟୁଳା, ଦରିଆ ଦଖଲ, ସବୁତକ ଛବି ଧରଇ ଦେଲି, ପବନ ଫୁଲରେ ଗଜରମାଳ, ଏଣିକି ତୁ ଦୁନିଆ ଜିତିବୁ, ମିଠେଇ ଦେହରେ ଲାଗିଛି ଦେଣା ଇତ୍ୟାଦି ଅନେକ ପୁସ୍ତକ ସେ ରଚନା କରିଛନ୍ତି । ଛାତିକି ପଥର କରି ଓ ଋଣ ପରିଶୋଧ—ଏଇ ଦୁଇଗୋଟି ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । 'ପାଠ ପଢ଼େ ପଢ଼େ ଅପାଠୁଆ' ତାଙ୍କର ଅନ୍ୟତମ ସାର୍ଥକ କୃତି । 'ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ' ତାଙ୍କର ଏକ ସଫଳ ସୃଷ୍ଟି । ଏଥିରେ ସ୍ୱାଧୀନତା ସଂଗ୍ରାମର ସ୍ପଷ୍ଟ ଚିତ୍ର ପ୍ରକଟିତ । ଶ୍ରୀଯୁକ୍ତ କାନୁନ୍‌ଗୋ ପଦ୍ମଶ୍ରୀ ଉପାଧିରେ ବିଭୂଷିତ ହୋଇଛନ୍ତି ତାଙ୍କର ସାରସ୍ୱତ ସାଧନା ପାଇଁ । ଏବେମଧ୍ୟ ସେ ନିଜ ସାଧନାରେ ବ୍ରତୀ ।

ଅକ୍‌ଟୋପସ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋଙ୍କର ଜ୍ଞାନମଣ୍ଡଳ ପ୍ରଥମ ଭାଗ ଦେଖନ୍ତୁ ।

## ୧୦.୨ ମୂଳପାଠର ପ୍ରଥମାଂଶ

### ଅକ୍‌ଟୋପସ

ସମୁଦ୍ରରେ ପ୍ରାୟ ଶହେ ଜାତିର ଅକ୍‌ଟୋପସ ଅଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ବାହୁ ମେଲାଇଲା ବେଳେ ତିନିଫୁଟରୁ ଅଧିକ ନୁହନ୍ତି । କେତେଗୁଡ଼ାଏ ଏତେ ଛୋଟ ଯେ ମଣିଷର ନଖ ଉପରେ ବସିଯିବେ । ଭୂମଧ୍ୟସାଗରରେ ଅକ୍‌ଟୋପସ ବହୁସଂଖ୍ୟାରେ ଦେଖାଯାନ୍ତି । ସେମାନଙ୍କ ଭିତରୁ ଅଳ୍ପ କେତେଟାର ସାତଫୁଟିଆ ଗୋଡ଼ ଅଛି । ପ୍ରଶାନ୍ତ ମହାସାଗରର ଗଭୀର ଜଳରେ ହିଁ ଖୁବ ବଡ଼ ବଡ଼ ଗୁଡ଼ାଏ ଅଛନ୍ତି । ଆଠ ଦଶହାତ ଲମ୍ବର ଗୋଡ଼ ସେମାନଙ୍କର । ତିରିଶଫୁଟ ଲମ୍ବ ଗୋଡ଼ଥିବା ଅଷ୍ଟପଦୀଙ୍କ କଥା ମଧ୍ୟ ଶୁଣାଯାଇଛି । ଥରେ ଗୋଟାଏ ଖୁବ ବଡ଼ ତିମି ପେଟ ଚିରିଲା ବେଳେ ଦେଖାଗଲା ଯେ ତା' ପେଟ ଭିତରେ ୫୦ ଫୁଟ ଲମ୍ବର ଗୋଟାଏ ଅକ୍‌ଟୋପସ-ଗୋଡ଼ ରହିଛି ।

ଅକ୍‌ଟୋପସ ଚେହେରଟା ଭୟଙ୍କରିଆ, ଦେହଟା ଗୋଲ । ସେହି ଦେହ ବା ମୁଣ୍ଡରେ ଖୁଆ ଅଣ୍ଟ ଭଳି ଗୋଟାଏ ପାଟି । ଡିମାଡିମା ଆଖି । ମଣିଷ ଅନାଇଲା ଭଳି ସେ ଅନାଏ । ତା ଚାହାଣିରୁ ମନେହୁଏ ତାର ଖୁବ ବୁଦ୍ଧି । ଦେହରୁ ବାହାରି ପଡ଼ିଛି ଲମ୍ବ ଲମ୍ବ ଆଠଟା ଗୋଡ଼ । ସେହି ଗୋଡ଼ର ଶେଷଆଡ଼କୁ ଦୁଇଧାଡ଼ି କରି ଖଞ୍ଜାଯାଇଛି ଗୁଡ଼ାଏ 'ଶୋଷାଗିନା', ସେହି ଗୋଡ଼ଗୁଡ଼ାକୁ ମେଲାଇ ମେଲାଇ ସେ ଯେତେବେଳେ ଶିକାର ଖୋଜୁଥାଏ, ସେତେବେଳେ ଭୀଷଣ ଦେଖାଯାଏ । ତା' ଚେହେରା ଓ ଚାଲି ଦେଖି ତାକୁ ସମୁଦ୍ରର ବୁଢ଼ୀ ଅସୁରୁଣୀ ବା ସଇତାନ ବୋଲି ନାମ ଦିଆଯାଇଛି । ତା' ଚେହେରା ଦେଖି ଅନ୍ୟମାନେ ଏତେ ଡରୁଥିଲେ ମଧ୍ୟ ତା'ଠାରୁ ଆକାରରେ ବଡ଼ ସମୁଦ୍ର ଜୀବ ଓ ମଣିଷକୁ ତାର ପ୍ରାଣରେ ଡର ।

ଯେଉଁଗୁଡ଼ିକୁ ଆମେ ଗୋଡ଼ ବୋଲି କହିଆସିଛୁ ଓ ସେହି ଅନୁସାରେ ତାକୁ ଅଷ୍ଟପଦ ବା ଅକ୍‌ଟୋପସ ନାମ ଦେଇଛୁ, ସେଗୁଡ଼ାକ ପ୍ରକୃତରେ ଗୋଡ଼ ନୁହେଁ ହାତ । ସେଇଥିରେ ସେ ହାତର

ସବୁ କାମ କରେ । ତାହାରି ସାହାଯ୍ୟରେ ସେ ପାଣି ଭିତରେ ସହଜରେ ପହଁରିପାରେ । ତେଣୁ ତାକୁ ଅଷ୍ଟପାଦ ବା ଅଷ୍ଟପଦୀ ବୋଲି ନକହି ବରଂ ଅଷ୍ଟବାହୁ ବୋଲି କହିଲେ ଅଧିକ ଠିକ୍ ହେବ । ଏହାର ଦେହଟା ନରମ ଓ ଗୋଲାକିଆ । ବାହୁକୁ ବାଦ୍ ଦେଲେ ବାକି ଯେଉଁ ଅଂଶଟା ରହିଲା, ତାକୁ ହିଁ ଦେହ ବୋଲି କୁହାଯାଇଛି । ସେହି ଦେହରୁ ବାହାରିଥିବା ଆଠଟିଯାକ ବାହୁର ଲମ୍ବ ପ୍ରାୟ ସମାନ । ଦେହରୁ ବାହୁଗୁଡ଼ିକ ବାହାରିଗଲା ପରେ କିଛିଦୂର ପର୍ଯ୍ୟନ୍ତ ଗୋଟାଏ ପତଳା ଓ ଶକ୍ତ ପରଦା ସେଗୁଡ଼ିକୁ ପରସ୍ପର ସହିତ ଯୋଡ଼ିଲା ଭଳି ରଖିଛି । ପହଁରିଲା ବେଳେ ତାହା ଛତା ବା ପାରାଚୁଟ ଭଳି ହୋଇଯାଏ । ଏହି ହାତଗୁଡ଼ିକରେ ଏତେ ବଳ ଯେ, ବିଶ୍ୱାସ କରିହେବ ନାହିଁ ।

ତା ପାଟି ଭିତରେ ମୁନିଆ ବଙ୍କା କଣ୍ଟା ରହିଛି । ପାଟି ଭିତରେ ଯେଉଁ ଲାଳଗ୍ରନ୍ଥି ରହିଛି, ସେଥିରୁ ବିଷ ବାହାରେ । ଏହି ବିଷ ଥିବାରୁ ତାହାର ଏତିକି ସୁବିଧା ହୁଏ ଯେ ଶିକାରଟିକୁ ଜାବୁଡ଼ି ଧରିଲା ପରେ ଏହି ବିଷ ସାହାଯ୍ୟରେ ସେ ତାକୁ କ୍ରମେ ଅବଶ କରିଦେଇ ମାରିଦିଏ ତେଣୁ ଖାଇବା ପାଇଁ ସହଜ ଓ ସୁବିଧା ହୁଏ ।

ଅଳ୍ପ କେତେ ଜାତିର ଅଷ୍ଟବାହୁକୁ ଛାଡ଼ି ଦେଲେ ଅଧିକାଂଶ ଜାତି ଏତେ ବଡ଼ ଆକାରର ନୁହନ୍ତି ଯେ ମନୁଷ୍ୟର ବିଶେଷ କିଛି କ୍ଷତି କରି ପାରିବେ । ବଡ ଅକ୍ଟୋପସଙ୍କ ଦେହଟା ଫୁଟବଲ ଭଳି । ସେଇଥିରୁ ୧୨/୧୪ ଫୁଟ ଲମ୍ବ ଗୋଡ ବାହାରିଥାଏ, ଆଉ କେତେଗୁଡ଼ିଏ ଲମ୍ବାଳିଆ ପିଜୁଳି ଆକାରର, ଦେହ ଅନୁପାତରେ ଗୋଡଗୁଡ଼ିଏ ଥାଏ । ଏମାନଙ୍କଠାରୁ ଛୋଟ ଅକ୍ଟୋପସ ମଧ୍ୟ ଅଛନ୍ତି । ଭାରତ ମହାସାଗରରେ ଯେଉଁ ଜାତିଟା ଦେଖାଯାନ୍ତି, ସେମାନଙ୍କ ଦେହ ମଣିଷ ହାତ ମୁଠା ଭଳି । ସେମାନଙ୍କ ବାହୁର ଲମ୍ବ ଅଢ଼େଇ ଫୁଟ ।

ପୃଥିବୀର ପ୍ରାୟ ସବୁ ସମୁଦ୍ରରେ ଏ ଜୀବ ଦେଖାଯାନ୍ତି । ସୁମେରୁ କୁମେରୁ ସାଗରରେ ଏମାନଙ୍କ ସଂଖ୍ୟା ଅତି କମ୍ । ଗ୍ରୀଷ୍ମମଣ୍ଡଳରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାନ୍ତି । ସମୁଦ୍ରର ଥଣ୍ଡା ଅଞ୍ଚଳ ଅପେକ୍ଷା ଉଷ୍ମ ଅଞ୍ଚଳରେ ଏମାନେ ଭଲ ଭାବରେ ବଢ଼ନ୍ତି ଓ ଏହି ପାଣିକୁ ସେମାନେ ବେଶି ପସନ୍ଦ କରନ୍ତି । ସମୁଦ୍ରରେ ଯେଉଁଠି ପାହାଡ଼ ପର୍ବତ ବୁଡ଼ି ରହିଛି, ଯେଉଁଠି ଅନ୍ଧାରୁଆ ପାହାଡ ଗୁମ୍ଫାରେ 'ଶିଉଳି ଶେଯ'ରେ ଏମାନେ ବେଶି ସଂଖ୍ୟାରେ ଆଶ୍ରୟ ନେଇଥାଆନ୍ତି । 'ପୋହଳା-ପାହାଡ'ରେ ମଧ୍ୟ ରହିବାର ସୁବିଧା ହୁଏ । ଦେହକୁ ଚେପ୍‌ଟା କରିଦେଇ ପଥର ସନ୍ଧିରେ ଚିପି ହୋଇ ପଶିବା ଏମାନଙ୍କ ପକ୍ଷରେ ସମ୍ଭବ ହୁଏ । ଦିନବେଳେ ପଥର ଗୁମ୍ଫାରେ ଶୋଇଯାଇ ସନ୍ଧ୍ୟା ହେଲେ ଶିକାରକୁ ଖୋଜି ବାହାରି ପଡନ୍ତି । ଯେଉଁମାନେ ପାହାଡ଼ ଗୁମ୍ଫାରେ ନରହି ଖୋଲା ସମୁଦ୍ରରେ ରହିଥାନ୍ତି, ସେମାନେ କୂଳଠାରୁ କିଛି ଦୂରରେ ସମୁଦ୍ର ତଳେ ଦେଖାଯାନ୍ତି । ଆଉ କେତେ ଜାତି ଅଷ୍ଟପାଦ କୂଳର ଅଗଭୀର ଜଳରେ ଓ ଖୋଲା ସମୁଦ୍ରରେ ମଧ୍ୟ ବୁଲନ୍ତି । ଗଭୀର ଜଳରେ ଯେଉଁଗୁଡ଼ିକ ରହନ୍ତି, ସେମାନଙ୍କ ଦେହ ଖୁବ୍ ନରମ । ପାଣିର ପ୍ରବଳ ଚାପ ସମ୍ଭାଳିବାକୁ ସୁବିଧା ହେବ ବୋଲି ବୋଧହୁଏ ସେମାନଙ୍କ ଦେହକୁ ଏଭଳି କରାଯାଇଛି । ସମୁଦ୍ରରେ ୧୧/୧୨ ହଜାର ଫୁଟ ତଳେ ଅକ୍ଟୋପସ୍ ରହିବାର ପ୍ରମାଣ ମିଳିଛି । ତା'ଠାରୁ ଗଭୀର ଜଳରେ ଏମାନେ ଦେଖାଯାନ୍ତି ନାହିଁ । ଭାରତର ସମୁଦ୍ର ଉପକୂଳରେ ବଙ୍ଗ ଉପ-ସାଗରରେ ବେଶି ସଂଖ୍ୟାରେ ଅକ୍ଟୋପସ ଦେଖାଯାନ୍ତି । ଓଡ଼ିଶାର ଗୋପାଳପୁର ନିକଟସ୍ଥ ସମୁଦ୍ର ମଧ୍ୟରେ ଏମାନଙ୍କ ଘର ।

ଅକ୍ଟୋପସ୍ ବିଷୟରେ ଆଉ ଗୋଟିଏ ଆଶ୍ଚର୍ଯ୍ୟ କଥାହେଲା—ସେ ନିଜ ଇଚ୍ଛା ଅନୁସାରେ ନିଜର ରଙ୍ଗ ବଦଳାଇ ଦେଇପାରେ । ସେ ସମୁଦ୍ର ତଳେ ବିଶ୍ରାମ ନେଇଥିବା ବେଳେ ଆଶ୍ରୟସ୍ଥଳର ରଙ୍ଗ ଭଳି ହେବାକୁ ନିଜ ରଙ୍ଗ ବଦଳାଇ ଦେଇପାରେ । ପାହାଡରେ ସେ ଲାଲ ବା ଗାଢ଼ ବାଦାମି ରଙ୍ଗ ହୋଇଯାଏ । ଶିଉଳି ଭିତରେ ବୁଲୁଥିଲାବେଳେ ତା' ରଙ୍ଗ ବେଶ୍ ଶାଗୁଆ । କେବଳ ସେତିକି ନୁହେଁ— ଯଦି ଗୋଟିଏ ଜାଗା ଖଦଖଦଡ଼ିଆ ବା ଭଙ୍ଗଭଙ୍ଗ ହୋଇଥିବ, ତା ଉପରେ ଚାଲିଲାବେଳେ ତା ଦେହର ଚମଡ଼ା ସେମିତି ଭଙ୍ଗଭଙ୍ଗ ବା ଦାଗଦାଗ ହେବାଭଳି ହୋଇଯାଏ । ଚିକ୍‌କଣିଆ ସ୍ଥାନରେ ଚାଲିଲା-ବେଳେ ଚମଡାଟି ଚିକ୍‌ଣିଆ ଦେଖାଯାଏ । ବିଶେଷଜ୍ଞ ଓ ବିଜ୍ଞାନୀମାନେ ଏବେ ଦେଖିଲେଣି ଯେ ତା' ଚମଡାରେ ଅତି ସୂକ୍ଷ୍ମ ରଙ୍ଗ ଖୋପଗୁଡ଼ିଏ ରହିଛି । ସେ ଖୋପଗୁଡ଼ିକୁ ଅଣୁବୀକ୍ଷଣ ସାହାଯ୍ୟରେ ହିଁ ଦେଖିହେବ । ଭିନ୍ନ ଭିନ୍ନ ରଙ୍ଗ ପାଇଁ, ଭିନ୍ନ ଭିନ୍ନ ଖୋପ ଅଛି । ସେ ଯଦି ଲାଲ ହେବା ପାଇଁ ଇଚ୍ଛା କରିବ, ସେହି ଲାଲ ଖୋପଗୁଡ଼ିକୁ ବହୁ ଗୁଣ କରି ବଡ଼ କରି ଫୁଲାଇ ଦେଇପାରିବ, ଏପରିକି ଷାଠିଏ ଗୁଣ ବଢ଼ାଇଦେବ ତା ଇଚ୍ଛା ଅନୁସାରେ । ସେ ଯଦି ଲାଲ ଖୋପଗୁଡ଼ିକୁ ବଡ଼ କରି ଫୁଲାଇ ବଡ କରିଦେବ ଓ ସଙ୍ଗେ ସଙ୍ଗେ ଅନ୍ୟ ରଙ୍ଗ ଖୋପଗୁଡ଼ିକ ଛୋଟ କରିଦେବ, ତେବେ ଲାଲ ଦେଖାଯିବ । ଏହି ଉପାୟରେ ଅନ୍ୟ ରଙ୍ଗ ମଧ୍ୟ ଧରେ, ମୋଟ ଉପରେ ସେହି ରଙ୍ଗ ଖୋପଗୁଡ଼ିକର ସଙ୍କୋଚନ ଓ ପ୍ରସାରଣର ଫଳସ୍ୱରୂପ ସେ ଭିନ୍ନ ଭିନ୍ନ ରଙ୍ଗର ଦେଖାଯାଏ । ଖୁବ୍ ଡରିଗଲେ ସେ 'ଶେଥା' ପଡ଼ିଯାଏ । ରାଗିଗଲେ, ଭଲ ଚିଜ୍ ଖାଇ-ବାକୁ ପାଇଗଲେ, ତା ଦେହରେ ଉତ୍ତେଜନା ବା ଚମକ ଖେଳିଯାଏ । ଏହି ଚମକ ଖେଳିଗଲେ ତାର ରଙ୍ଗ ବଦଳିଯାଏ । ଏହି ଗୁଣଟିଥିବାରୁ ତାହାର କେତେ ସୁବିଧା ହେଉଥିବ, ଅନୁମାନ କରାଯାଇପାରେ । ନେ

ଗୋଟିଏ ସ୍ଥାନରେ ବସି ଶିକାରକୁ ଛକିଥିଲେ, ତା' ଶିକାର ସହଜରେ ଜାଣିପାରେ ନାହିଁ ସେ ଛକିଛି ବୋଲି ।

ପାଣି ଭିତରେ ସେ ଅତି ବେଗରେ ଚାଲିପାରେ ବୋଲି ପୂର୍ବେ କୁହାଯାଇଥିଲା । ଖୁବ୍ ଡରିଗଲେ ସେ ହୁଏତ ପ୍ରାଣ ବିକଳରେ ଅଳ୍ପ ସମୟ ପାଇଁ ଓ ଅଳ୍ପ ଦୂର ପର୍ଯ୍ୟନ୍ତ ଅତି ବେଗରେ ଚାଲିଯାଇ ପାରେ । କିନ୍ତୁ ସାଧାରଣତଃ ତା' ଗତି ଖୁବ୍ ଚଞ୍ଚଳ ନୁହେଁ, ଧୀର । ଦୁଇ ଉପାୟରେ ସେମାନେ ଗତି କରନ୍ତି । ନିଜ ଦେହ ଭିତରକୁ ଟାଣିଲା ପାଣି ଭର୍ତ୍ତି କରି ଦିଅନ୍ତି । ସେହି ପାଣିକୁ ଗୋଟାଏ ପ୍ରକାରର ଏକ-ଜଷ୍ଟ ପାଇପ ବାଟେ ବାହାର କରିଦେଇ ଜେଟ ଉଡ଼ାଜାହାଜ ଉଡ଼ିଲା ପ୍ରଣାଳୀରେ ଆଗକୁ ଆଗକୁ ଚାଲି-ଯାଆନ୍ତି । ଏକାଠେଲାକେ ଦୁଇ ତିନି ଗଜ ଚାଲିଯାଆନ୍ତି । ଅନ୍ୟ ଉପାୟଟି ହେଲା—ବାହୁଗୁଡ଼ିକର ସଙ୍କୋଚନ ଓ ପ୍ରସାରଣ । ତା' ବାହୁଗୁଡ଼ିକର ମୂଳଅଂଶକୁ ପରସ୍ପର ସହିତ ଯୋଡ଼ିଥିବା ପତଳା ପରଦା ଯେଉଁ ପାରାଚୁଟ ବା ଛତା ତିଆରି କରିଦେଇଥାଏ, ପାଣିତଳୁ ଉପରକୁ ଉଠିଲାବେଳେ ବା ଉପରୁ ତଳକୁ ଗଲା-ବେଳେ ସେଇଟି ମେଲା ହୋଇ ଯାଇଥାଏ ବା ବୁଜି ହୋଇଯାଇଥାଏ ।

**୧୦.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ—**

୧ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ—

(କ) ଅକ୍ଟୋପସ୍‌ର ଚେହେରା ଦେଖିବାକୁ କିପରି, ନିଜ ଭାଷାରେ ଲେଖନ୍ତୁ ।

(ଖ) ଅକ୍ଟୋପସ ନିଜର ରଙ୍ଗ କିପରି ବଦଳାଏ ?

(ଗ) କେଉଁ କେଉଁ ଉପାୟରେ ଅକ୍ଟୋପସ୍ ଗତି କରେ ?

**୧୦.୨.୨ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣଗତ ପ୍ରଶ୍ନ**

୧. (କ) ନିମ୍ନଲିଖିତ ଶବ୍ଦମାନଙ୍କରେ କେଉଁ କେଉଁ ପ୍ରତ୍ୟୟ ରହିଛି ଲେଖନ୍ତୁ—
ଶାଗୁଆ, ଗତି ।

(ଖ) ନିମ୍ନୋକ୍ତ ଶବ୍ଦଗୁଡ଼ିକରେ କେଉଁ କେଉଁ ଉପସର୍ଗ ରହିଛି ଲେଖନ୍ତୁ—
ଅନୁମାନ, ପ୍ରସାରଣ ।

(ଗ) ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—
ସୁବିଧା, ଗଭୀର, ଚଞ୍ଚଳ, ସୂକ୍ଷ୍ମ ।

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ—
ପାଣି, ପୃଥିବୀ, ସମୁଦ୍ର ।

## ୧୦.୩ ମୂଳପାଠର ଦ୍ୱିତୀୟାଂଶ

ଏହାର ଆଉ ଗୋଟିଏ ବିଶେଷତ୍ୱ ହେଲା, ସେ ଆଗକୁ ଚାଲିଗଲା ଭଳି ପଛକୁ ମଧ୍ୟ ସହଜରେ ଚାଲି ଆସିପାରେ । ତା' ଦେହରେ ଗୋଟାଏ ସ୍ୱତନ୍ତ୍ର ନଳୀ ଖଞ୍ଜା ଯାଇଛି । ସେହି ନଳୀରୁ ଜୋରରେ ପାଣି ଫୋପାଡ଼ି ସେ ପଛକୁ ଚାଲି ଆସିପାରେ ।

ନିଜକୁ ଶତ୍ରୁ ହାତରୁ ରକ୍ଷା କରିବା ପାଇଁ ତାକୁ ଗୋଟାଏ ବିଚିତ୍ର ଅସ୍ତ୍ର ଦିଆଯାଇଛି । ତା ମୁଣ୍ଡର ତଳ ପାଖରେ ପଛକୁ ଗୋଟାଏ ବଙ୍କା ନଳୀ ଅଛି । ଏହି ନଳୀ ପଛକୁ ଦେହ ଭିତରେ ଗୋଟାଏ 'କାଳି ଥଳି' ରହିଛି । ସେ ଇଚ୍ଛାକଲେ ଏହି ଥଳିରୁ ଆମେ କୁଳି ପକାଇଲା ଭଳି କଳାରଙ୍ଗ ଛାଡ଼ିଦିଏ । ତାର ପ୍ରଧାନ ଶତ୍ରୁ 'ଇଲ୍' ତାକୁ ଗୋଡ଼ାଇ ଆସିଲାବେଳେ ସେ ଏହି ରଙ୍ଗ ଛାଡ଼ିଦେଲେ ଇଲ୍ ତାକୁ ସହଜରେ ଦେଖି ନପାରି ଖୋଜିବୁଲେ । ରଙ୍ଗଟା ପାଣିରେ ମିଶିବାକୁ ନିଶ୍ଚୟ କିଛି ସମୟ ଲାଗେ । ସେହି ସମୟ ଭିତରେ ରଙ୍ଗଟାକୁ ଅକ୍ଟୋପସ ଭାବି ଇଲ୍ ଆକ୍ରମଣ କଲାବେଳକୁ ଅଷ୍ଟପଦୀ ଚାଲିଯାଇଥାଏ ଦୂରକୁ । ଏହି ଅବସରରେ ରଙ୍ଗତକ ପାଣିରେ ଗୋଳି ହୋଇଯାଇ ଗୋଟାଏ ରଙ୍ଗ ପରଦା ସୃଷ୍ଟି କରି ଦେଇଥାଏ ।

ଶହ ଶହ ବର୍ଷ ହେଲା ଧରି ନିଆଯାଉଥିଲା ଯେ ଏହି ରଙ୍ଗ ବା କାଳିର ରହସ୍ୟ ଭେଦ କରିବା ସେମାନଙ୍କ ପକ୍ଷରେ ପୂରାପୂରି ସମ୍ଭବ ହୋଇନାହିଁ । କିନ୍ତୁ ସେମାନେ କେତେକ ତଥ୍ୟ ପାଇସାରିଲେଣି ।

ମନୁଷ୍ୟ ଚମଡ଼ାରେ ସେ କାଳି ଲାଗିଲେ କିଛି କ୍ଷତିକରେ ନାହିଁ । ସେହି ରଙ୍ଗମିଶା ପାଣି ଭିତର ଦେଇ ମାଛ ଗଲିଗଲେ ମଧ୍ୟ ସେମାନଙ୍କର କିଛି କ୍ଷତିହୁଏ ନାହିଁ । ଇଲ୍‌ର ପ୍ରାଣଶକ୍ତିକୁ ଏହି କାଳି ଅନେକ ପରିମାଣରେ ଅସ୍ଥାୟୀ ଭାବରେ ନଷ୍ଟ କରିଦିଏ ବୋଧହୁଏ । ପ୍ରାଣଶକ୍ତି ନଷ୍ଟ ହୋଇଗଲାରୁ ବିଚରା 'ଇଲ୍' 'ଅକ୍ଟୋପସ'କୁ ଖୋଜି ଧରିପାରେ ନାହିଁ ।

ଏହାର ପ୍ରଧାନ ଖାଦ୍ୟ ହେଲା ଛୋଟ କଙ୍କଡ଼ା ଓ ମାଛ । ଆଠଗୋଡ଼ିଆ ଅକ୍ଟୋପସ ଦଶ-ଗୋଡ଼ିଆ ଛୋଟ କଙ୍କଡ଼ାକୁ ଖାଇଯାଏ । ମାତ୍ର ଶୀଘ୍ର ଶୀଘ୍ର ପହଁରି ପଳାନ୍ତି ବୋଲି ତାଙ୍କ ପିଛା ବେଶି ନଧରି ସେ ଖୋଜୁଥାଏ ମନ୍ଥରଗତି କଙ୍କଡ଼ାକୁ । ତା' ଘର ପାହାଡ଼ ଗୁମ୍ଫା ଚାରିପଟେ କଙ୍କଡ଼ା ଖୋଳ, ମାଛ କଣ୍ଟା ବା ଅନ୍ୟ ଛୋଟ ଛୋଟ ଜୀବଙ୍କ କଙ୍କାଳ ପଡ଼ିଥିବାର ଦେଖାଯାଏ । ପର୍ବତ-ଗୁହା ଭିତରେ ଦିନବେଳା ଲୁଚିବସି ସେ ବାହାରକୁ ଦୃଷ୍ଟି ରଖିଥାଏ । ମାଛଟାଏ, କଙ୍କଡ଼ାଟାଏ ବା ଅନ୍ୟ ଜୀବଟାଏ ସେହିବାଟେ ଗଲିଲା ବେଳେ ସେ ବଢ଼ାଇଦିଏ ତା ହାତ ଭିତରୁ ଗୋଟାଏ ବା ଦୁଇତିନିଟା । ତାକୁ ଟାଣିଆଣି ମୁହଁରେ କାମୁଡ଼ି ଖାଇଯାଏ । ଥରେ ତା' କବଳରେ ପଡ଼ିଗଲେ ଶିକାର ବିଚରାଟି ଜାଣେ ଯେ ତା' କାଳ ଶେଷ ହୋଇଗଲା । ଏହି ଜୀବଟିକୁ ଏମିତି ଗଢ଼ା ହୋଇଛି ଯେ ଶତ୍ରୁକୁ ଜୋରରେ ଧରିନେଇ-ପାରେ । ତଥାପି ତାର ମଧ୍ୟ ଶତ୍ରୁର ଅଭାବ ନାହିଁ । ଜୀବଜଗତରେ ସମସ୍ତଙ୍କ ପାଇଁ ଶତ୍ରୁ ସୃଷ୍ଟି କରା-ଯାଇଛି । ତା' ନହୋଇଥିଲେ ଗୋଟିଏ ଗୋଟିଏ ଜାତିର ଜୀବଙ୍କ ପାଇଁ ଏ ପୃଥିବୀରେ ସ୍ଥାନ ଅଭାବ ହୋଇପଡ଼ନ୍ତା । ଇଏ ତାକୁ, ସିଏ ଆଉକୁ ମାରି ଖାଇଯାଉଛି ବୋଲି ଜୀବଜଗତରେ ଗୋଟାଏ ପ୍ରକାରର ସମତା ରହିଛି ।

ଅକ୍ଟୋପସକୁ ଖାଇଯାଆନ୍ତି ତିମି, ବଡ଼ ବଡ଼ ମାଛ, ଖୁବ ବଡ଼ ବଡ଼ କଙ୍କଡ଼ା, କଇଁଚ, ମଗର ହାଙ୍ଗର ଓ ଇଲ୍ ପ୍ରଭୃତି । ମଗର ବା ଶାର୍କ ସହିତ ବଡ଼ ଅକ୍ଟୋପସର ସମୟେ ସମୟେ ଭୀଷଣ ଯୁଦ୍ଧ ହୁଏ । ଯିଏ ଜିତେ ସେ ଅନ୍ୟକୁ ଖାଇଦିଏ । ଅକ୍ଟୋପସ ତା ଭୀଷଣ ବାହୁରେ ମଗରକୁ ଧରି ଟାଣେ ମୁହଁଆଡ଼କୁ ଓ ମଗର ତାର ଭୀଷଣ ଦନ୍ତରେ ତାକୁ ଚିରି ପକାଇବାକୁ ଚେଷ୍ଟା କରିଥାଏ । ସେ ଯଦି ଦେଖିଲା ଯେ, ଆଉ ପାରିବ ନାହିଁ, ମଗରକୁ ଛାଡ଼ିଦେଇ କାଳିର ପରଦା ସୃଷ୍ଟିକରି ତା ଆଢୁଆଳରେ ଖସିଯିବାକୁ ଚେଷ୍ଟାକରେ । କେବେ ତା' ଚେଷ୍ଟା ହୁଏତ ସଫଳ ହୁଏ, କେବେ ବା ବିଫଳ ହୋଇଯାଏ ।

ଅଷ୍ଟବାହୁ ଛୋଟ କଙ୍କଡ଼ାକୁ ଖାଏ ସତ, ଗୋଟାଏ ଗୋଟାଏ ଜାତିର ବଡ଼ କଙ୍କଡ଼ା ତାର ଶତ୍ରୁ ଗୁମ୍ଫା ଭିତରେ ପଶି ତାକୁ ଖାଇଯିବାର ଦେଖାଯାଇଛି । ସେମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସେ ଗୁମ୍ଫା ମୁହଁ ବନ୍ଦ କରିବା କୌଶଳ ଜାଣିଯାଇଛି ।

### ୧୦.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

୧. (କ) ଶତ୍ରୁ ହାତରୁ ନିଜକୁ ଅକ୍ଟୋପସ କିପରି ରକ୍ଷାକରେ ?

(ଖ) ଅକ୍ଟୋପସ ଶିକାର ପାଇଁ କେଉଁ ପଦ୍ଧତି ଅବଲମ୍ବନ କରେ ?

### ୧୦.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୧. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ରହିଛି ଦେଖାନ୍ତୁ—

ସମତା, କୌଶଳ, ଦଶଗୋଡ଼ିଆ ।

(ଖ) ନିମ୍ନଲିଖିତ ଶବ୍ଦମାନଙ୍କର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ସଫଳ, ଶତ୍ରୁ, କ୍ଷତି, ଅସ୍ଥାୟୀ, ସମ୍ଭବ ।

## ୧୦.୪ ମୂଳପାଠର ତୃତୀୟାଂଶ

ମଣିଷ ଜାତିଟା ତାର କମ୍ ଶତ୍ରୁ ନୁହେଁ । ପୃଥିବୀର କେତେକ ଅଂଶର ଲୋକ ଏହାକୁ ଖାଆନ୍ତି । ଭୂମଧ୍ୟସାଗର ଓ ଆଟଲାଣ୍ଟିକ ମହାସାଗର କୂଳରେ ରହୁଥିବା କେତେକ ଜାତି ବର୍ଚ୍ଛାରେ ଏହାକୁ ଶିକାର କରନ୍ତି । ଇଟାଲିରେ ଏବେ ମଧ୍ୟ ବଜାରରେ ଅକ୍ଟୋପସ ବିକ୍ରି ହୁଅନ୍ତି । ଏହାକୁ ସିଝାଇ ଓ ଭାଜି ଖିଆଯାଏ । କେଉଁଠି କେଉଁଠି ସାଲାଡ୍ ବା କଞ୍ଚା ଶାଗରେ ଖଟା ସହିତ କଞ୍ଚା ଖାଇବାର ମଧ୍ୟ ଦେଖାଯାଏ । ଆମେରିକା ମହାଦେଶରେ ଯେଉଁ ଲୋହିତ ଭାରତୀୟ ଅଛନ୍ତି, ଏମାନେ ଏଇ ଜୀବକୁ ଖାଆନ୍ତି । ଛୋଟ ଛୋଟ ଅକ୍ଟୋପସକୁ ଧରିବା ପାଇଁ ମଣିଷ ମୁଣ୍ଡରୁ ନାନା ଉପାୟ ବାହାରିଛି । ସମୁଦ୍ର

ଭିତରକୁ ହାତ୍ତି ଝୁଲାଇ ଦେଇ କେତେ ଘଣ୍ଟା ପରେ ଉଠାଇଲା ବେଳକୁ ଏଲିଡ଼େନ ମସ୍ କ୍ୟୁଟା ବୋଲି ଗୋଟିଏ ଜାତିର ଅକ୍ଟୋପସ ସେଥିରେ ଧରାପଡ଼ନ୍ତି । ଆମ ଦେଶର ପଶ୍ଚିମ ଉପକୂଳର କେଉଟମାନେ ଛୋଟ ଛୋଟ ଅଷ୍ଟପଦୀଙ୍କୁ ବନସୀ ଥୋପରୂପେ ବ୍ୟବହାର କରି ମାଛ ଧରନ୍ତି । ଗୋଟିଏ ଜାତିର ମାଂସ ଅପେକ୍ଷାକୃତ ଟାଣ, ତେଣୁ ବନସୀ କଣ୍ଟାରୁ ସହଜରେ ଖସିଯାଏ ନାହିଁ । ଏହି ଜାତିର ଦେହରୁ ଗୋଟାଏ ବାସନା ବାହାରୁଥିବାରୁ ସେହି ବାସନା ଦ୍ୱାରା ଆକୃଷ୍ଟ ହୋଇ ଆସି ମାଛ ଗିଳିଦିଏ ଥୋପ । ଏମାନଙ୍କୁ ଧରିବାକୁ ଗୋଟାଏ ଚମତ୍କାର ଉପାୟ ବାହାର କରାଯାଇଛି । 'ଲାମ୍ବିସ' ବୋଲି ଗୋଟାଏ ଜାତିର ଶଙ୍ଖ ଅଛି । ଏଇଥିରୁ ଛ' ସାତଶହ ଶଙ୍ଖକୁ ଦଉଡ଼ିରେ ଗୁନ୍ଥି ସମୁଦ୍ରରେ ବିଛାଇ ଦେଇ ଆସନ୍ତି । ଛୋଟ ଅକ୍ଟୋପସଗୁଡ଼ିକ ସେଥିରେ ଆସି ରାତିରେ ରହିଯାଆନ୍ତି । ସକାଳେ ସେହି ଶଙ୍ଖଗୁଡ଼ିକୁ ଉଠାଇ ଆଣିଲେ ବହୁସଂଖ୍ୟାରେ ଥୋପ ମିଳିଯାଆନ୍ତି ।

ଅକ୍ଟୋପସ ତୁଦ୍ୱାଏ ଲେଖାଏ ଅଣ୍ଡାଦିଏ, ସେହି ଡିମ୍ବଗୁଡ଼ିକର ଆକାର ଗୋଟିଏ ଗହମର ଅଧା । ମା ଅକ୍ଟୋପସର ଏହି ଅଣ୍ଡାଙ୍କ ପ୍ରତି ଏତେ ମମତା ଯେ ଛ'ରୁ ଆଠ ସପ୍ତାହ ପର୍ଯ୍ୟନ୍ତ ଅଖିଆରହି ସେଗୁଡ଼ିକରୁ ଛୁଆ ଉତାରିବା କାମରେ ଲାଗିଥାଏ । ଶତ୍ରୁ ହାତରୁ ଅଣ୍ଡାକୁ ରକ୍ଷା କରିବା ପାଇଁ ସେ ବରାବର ସଜାଗ ଥାଏ ।

ଅତୀତରେ ବହୁ ବଣୁଆ ଜନ୍ତୁଙ୍କୁ ପୋଷା ମନାଇଲା ଭଳି କେତେକ ଜାତିର ଅକ୍ଟୋପସଙ୍କୁ ମଧ୍ୟ ମନୁଷ୍ୟ ପୋଷା ମନାଇଲାଣି । ସେମାନଙ୍କୁ ଏପରି ତାଲିମ କରାଯାଇଛି ଯେ ଚିଡ଼ିଆଖାନାରେ ଜୀବମାନଙ୍କ ହାତରୁ ସେ ଖାଦ୍ୟ ନେଇଯାଏ । ଏପରିକି ତା ଖାଦ୍ୟକୁ ମୁଠେଇ ଧରିଲେ ସେ ତୁମ ଆଙ୍ଗୁଠିକୁ ଟାଣି ଫିଟାଇବାକୁ ଚେଷ୍ଟା କରିବ । ଏହି ଜୀବର ହାଡ ନାହିଁ । ହାଡ଼ ନଥିବା ହାତରେ ଏତେ ବଳ ଥିବାଟା ଯେମିତି ଆଶ୍ଚର୍ଯ୍ୟର କଥା, ସେ ନିଜକୁ ଚାପିଦେଇ ଅତି ସରୁ ଓ ଛୋଟ ବାଟରେ କିମିତି ଗଳି ଯାଇ ପାରେ ସେଇଟା ମଧ୍ୟ ସିମିତି ଆଶ୍ଚର୍ଯ୍ୟର କଥା । ଅଧଇଞ୍ଚ ଫାଙ୍କରେ ଗୋଟାଏ ଅକ୍ଟୋପସ ଗଳିଯିବାର ଦେଖାଯାଇଛି ।

ଗୋଟାଏ ବିଷୟ ଶିଖାଇ ଦେଲେ ଏଇଟି ସହଜରେ ଶିଖିଯାଉଛି । ଆମ ଜ୍ଞାନେନ୍ଦ୍ରିୟଗୁଡ଼ିକ ବାହାର ଜଗତର ଯେଉଁ ଧରଣର ସମ୍ବାଦ ଯୋଗାଉଛନ୍ତି, ଅକ୍ଟୋପସର ଜ୍ଞାନେନ୍ଦ୍ରିୟଗୁଡ଼ିକ ମଧ୍ୟ ପ୍ରାୟ ସେହି ଧରଣର ସମ୍ବାଦ ଯୋଗାଉଛନ୍ତି । ତାର ଜ୍ଞାନେନ୍ଦ୍ରିୟମାନଙ୍କ ସାହାଯ୍ୟରେ ବାହ୍ୟଜଗତରୁ ଯେଉଁସବୁ ଖବର ସଂଗ୍ରହ କରୁଛି, ସେଗୁଡ଼ିକୁ କିପରି କାମରେ ଲଗାଉଛି, ସେ ବିଷୟରେ ପୂର୍ଣ୍ଣ ଗବେଷଣା ଚଳାଇଛନ୍ତି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଏସ. ଜେ. ଉଏଲେସ୍ । ଆହୁରି ଅନେକ ବିଜ୍ଞାନୀ ଏହି ଅଷ୍ଟବାହୁକୁ ମୂଳକରି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗବେଷଣା ଚଳାଇଛନ୍ତି । 'ପ୍ରଶାନ୍ତ ମହାସାଗରର ଜୁଆର ଓ ଭଟ୍ଟା ମଝିରେ' ନାମକ ପୁସ୍ତକରେ ଏଡ୍‌ୱାର୍ଡ଼ ରିକେଟସ୍ ଓ ଜାକ୍ କାଲଭିନ୍ ଲେଖିଛନ୍ତି 'ଆମର ଯେମିତି ଉନ୍ନତ ଆଖି ରହିଛି, ଅକ୍ଟୋପସର ମଧ୍ୟ ସେମିତି ରହିଛି । ଯେକୌଣସି ମେରୁଦଣ୍ଡବିହୀନ ପ୍ରାଣୀର ମସ୍ତିଷ୍କ ତୁଳନାରେ ଏହାର ମସ୍ତିଷ୍କ ବଡ଼ ଓ ଭଲ କାମକରେ । ଆଠଟାଯାକ ଗୋଡ଼ରେ ଥିବା ସବୁଗୁଡ଼ିକ ମାଂସପେଶୀ ଉପରେ ଏହାର ଖୁବ ନିୟନ୍ତ୍ରଣ ଅଛି । ଅନେକ ପରିମାଣରେ ଆମର ଆମ ମାଂସପେଶୀ ଉପରେ କଣ୍ଟ୍ରୋଲ ଥିଲାପରି ତାର ରହିଛି ବୋଲି କୁହାଯାଇପାରେ । ପୂର୍ବେ କୌଣସି କୌଣସି ମୁକ୍ତା ସଂଗ୍ରହକାରୀ ବୁଡ଼ାଳି ଅକ୍ଟୋପସ କବଳରେ ପଡ଼ି ପ୍ରାଣ ହରାଇଥିବେ, କିନ୍ତୁ ମନୁଷ୍ୟକୁ ଆକ୍ରମଣ କରି ମାରିପକାଇଲା ଭଳି ବଡ଼ଗୁଡ଼ାକ ସାଧାରଣତଃ କୂଳ ନିକଟସ୍ଥ ସମୁଦ୍ରରେ ବହୁସଂଖ୍ୟାରେ ନାହାନ୍ତି ।

**୧୦.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ**

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ—

(କ) ଅକ୍ଟୋପସକୁ ଧରିବାକୁ କେଉଁ ପଦ୍ଧତି ଅବଲମ୍ବନ କରାଯାଏ ?

(ଖ) ଏଡ୍‌ୱାର୍ଡ଼ ରିକେଟସ୍ ଓ ଜାକ୍ କାଲଭିନ୍ ଅକ୍ଟୋପସ୍ ସମ୍ପର୍କରେ ମତ ଦେଇ କ'ଣ କହିଛନ୍ତି ?

**୧୦.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ**

୧. (କ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ସନ୍ଧି ବିଚ୍ଛେଦ କରନ୍ତୁ—

ଜ୍ଞାନେନ୍ଦ୍ରିୟ, ଗବେଷଣା, ଉନ୍ନତ ।

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ଉପସର୍ଗ ରହିଛି ଲେଖନ୍ତୁ—

ସମ୍ବାଦ, ବିହୀନ ।

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ସରୁ, ସହଜ ।

(ଘ) କେଉଁ କେଉଁ ସମାସ ନିମ୍ନୋକ୍ତ ଶବ୍ଦଗୁଡିକରେ ରହିଛି ବ୍ୟାସବାକ୍ୟ ସହ ଲେଖନ୍ତୁ—

ସପ୍ତାହ, ଅଖିଆ ।

(ଙ) କେଉଁ କେଉଁ ପ୍ରତ୍ୟୟ ନିମ୍ନୋକ୍ତ ଶବ୍ଦଗୁଡିକରେ ରହିଛି ଲେଖନ୍ତୁ—

ଭାରତୀୟ, ବାହ୍ୟ ।

### ୧୦.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ପାଠରୁ କରନ୍ତୁ—

(କ) ଅକ୍ଟୋପସକୁ କେଉଁ ସ୍ଥାନର ମନୁଷ୍ୟମାନେ କିପରି ବ୍ୟବହାର କରନ୍ତି ?

(ଖ) ଭାରତ ମହାସାଗରରେ ଥିବା ଅକ୍ଟୋପସ୍ ଦେଖିବାକୁ କିପରି ?

(ଗ) ଅକ୍ଟୋପସ ପହଁରିଲାବେଳେ ତାର ବାହୁଗୁଡିକ କିପରି ଦିଶେ ?

୨. (କ) ନିମ୍ନଲିଖିତ ଶବ୍ଦଗୁଡିକରେ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଛି ଲେଖନ୍ତୁ—

ଦୃଷ୍ଟି, ସ୍ଥାନ, ସ୍ଥାୟୀ ।

(ଖ) କେଉଁ ସନ୍ଧି ହୋଇଛି ଲେଖନ୍ତୁ—

ସଂଗ୍ରହ, ନିଷ୍କମ୍ପ ।

(ଗ) କେଉଁ କେଉଁ ଉପସର୍ଗ ନିମ୍ନଲିଖିତ ଶବ୍ଦରେ ରହିଛି, ଲେଖନ୍ତୁ—

ଆଶ୍ରୟ, ପ୍ରସାରଣ, ବିଶେଷ ।

(ଘ) ବ୍ୟାସବାକ୍ୟ ସହ ନିମ୍ନୋକ୍ତ ଶବ୍ଦର ସମାସର ନାମ ଲେଖନ୍ତୁ—

ପାହାଡ଼ଗୁମ୍ଫା ।

(ଙ) ଗୋଲଭଳିଆ ଭାବକୁ ପ୍ରକାଶ କରିବା ପାଇଁ ଯଦି ଗୋଲ୍ଲିଆ ଶବ୍ଦ ହୁଏ, ତେବେ କେଉଁ ଶବ୍ଦ ହେବ—

ମୋଟା ଭଳିଆ ଭାବ ପାଇଁ —

ପିଲା ଭଳିଆ ଭାବ ପାଇଁ —

ବୁଢ଼ା ଭଳିଆ ଭାବ ପାଇଁ —

## ୧୦.୫ ପାଠର ସାରାଂଶ

ଶ୍ରୀଯୁକ୍ତ ବିନୋଦ କାନୁନ୍‌ଗୋଙ୍କ ଦ୍ୱାରା ଲିଖିତ ଅକ୍ଟୋପସ୍ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପିତ ହୋଇଛି । ସେ ଅକ୍ଟୋପସ୍‌ର ଆଠଟି ପାଦକୁ ଆଠଟି ବାହୁ ବୋଲି ଅଭିହିତ କରି ଅକ୍ଟୋପସ୍‌କୁ ଅଷ୍ଟପାଦ ନକହି ଅଷ୍ଟବାହୁ କହିବା ଅଧିକ ଯୁକ୍ତିଯୁକ୍ତ ହେବ ବୋଲି କହିଛନ୍ତି । ଅକ୍ଟୋପସ୍‌ର ଦେହ ଗୋଲ, ଡିମା ଡିମା ଆଖି । ମଣିଷ ଚାଳିଲା ପରି ସେ ଚାଲେ । ପୃଥିବୀର ପ୍ରାୟ ସବୁ ସମୁଦ୍ରରେ ଏମାନେ ଦେଖାଯାନ୍ତି । ସମୁଦ୍ରର ଥଣ୍ଡା ଅଞ୍ଚଳ ଅପେକ୍ଷା ଉଷ୍ମ ଅଞ୍ଚଳରେ ଏମାନଙ୍କର ସଂଖ୍ୟା ଅଧିକ । ପୋହଳା ପାହାଡ଼ରେ ଏମାନେ ସୁବିଧାରେ ରହନ୍ତି । ଦିନଯାକ ଶୋଇରହନ୍ତି ଓ ସନ୍ଧ୍ୟାରେ ଶିକାର ଖୋଜି ବାହାରନ୍ତି । ଇଚ୍ଛାନୁସାରେ ସେ ନିଜର ରଙ୍ଗ ବଦଳାଇ ପାରେ, ତାର ଚମଡ଼ାରେ ଅତି ସୂକ୍ଷ୍ମ ରଙ୍ଗ ଖୋପଗୁଡ଼ିଏ ଅଛି । ସେହି ରଙ୍ଗ ଖୋପଗୁଡିକର ସଙ୍କୋଚନ ପ୍ରସାରଣ ଫଳରେ ସେ ଭିନ୍ନ ଭିନ୍ନ ରଙ୍ଗ ବଦଳାଇଥାଏ । ସେ ଆଗକୁ ଚାଲିପାରେ ପୁଣି ପଛକୁ ଯାଇପାରେ । ଶତ୍ରୁର ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ନିଜ ଦେହ ଭିତରେ ଥିବା କାଳି ଥଳିରୁ କଳା ରଙ୍ଗ ଛାଡ଼ି ଦିଏ । ତାର ପ୍ରଧାନ ଶତ୍ରୁ ହେଉଛି ଇଲ୍ । ଇଲ୍ ସେହି କଳାରଙ୍ଗକୁ ଅକ୍ଟୋପସ୍ ବୋଲି ଭାବି ଆକ୍ରମଣ କରେ, ସେତେବେଳେ କିନ୍ତୁ ଅକ୍ଟୋପସ୍ ଦୂରକୁ ଚାଲିଯାଇଥାଏ । ଏହାର ମୁଖ୍ୟ ଖାଦ୍ୟ ହେଲା ମାଛ ଓ କଙ୍କଡ଼ା । ପର୍ବତଗୁମ୍ଫା ଭିତରେ ଲୁଚି ବସିଥାଏ ଅକ୍ଟୋପସ୍ । ମାଛଟାଏ ବା କଙ୍କଡାଟାଏ ସେହିବାଟେ ଚାଲିଗଲାବେଳେ ସେ ଗୋଟାଏ ଦୁଇଟା ହାତ ବଢ଼ାଇ ଦେଇ ତାକୁ ଧରିନିଏ ଓ ଖାଏ । ଅକ୍ଟୋପସ ଛୋଟ କଙ୍କଡ଼ାକୁ ଖାଏ, କିନ୍ତୁ ବଡ଼ କଙ୍କଡ଼ାକୁ ଭୟ କରେ । ବଡ଼ କଙ୍କଡ଼ା ଅକ୍ଟୋପସକୁ ମଧ୍ୟ ଖାଇଯାଇପାରେ । ଭୂମଧ୍ୟସାଗର ଓ ଆଟଲାଣ୍ଟିକ ମହାସାଗର କୂଳରେ ରହୁଥିବା କେତେ ଜାତି ଏମାନଙ୍କୁ ଶିକାର କରି ଖାଆନ୍ତି । ଅକ୍ଟୋପସ ଗୁଡିଏ ଅଣ୍ଡା ଦିଏ । ଛ'ରୁ ଆଠ ସପ୍ତାହ ଭିତରେ ସେ ଅଣ୍ଡା ଫୁଟିଥାଏ । ଅକ୍ଟୋପସ ମଧ୍ୟ ପୋଷା ମାନିଥାନ୍ତି । ଚିଡ଼ିଆଖାନାରେ ଦର୍ଶକମାନଙ୍କ ହାତରୁ ଖାଦ୍ୟ ନେଇଯାନ୍ତି । ଗୋଟିଏ

ବିଷୟ ଶିଖାଇ ଦେଲେ ଏମାନେ ଶିଖିଯାନ୍ତି । ଅକ୍ଟୋପସ ଏକ ମେରୁଦଣ୍ଡବିହୀନ ପ୍ରାଣୀ, କିନ୍ତୁ ଅନ୍ୟାନ୍ୟ ମେରୁଦଣ୍ଡବିହୀନ ପ୍ରାଣୀମାନଙ୍କର ତୁଳନାରେ ଅକ୍ଟୋପସର ମସ୍ତିଷ୍କ ଅଧିକ ଉନ୍ନତ ।

## ୧୦.୬ ଶବ୍ଦାର୍ଥ

ଧୂମ—ଧୂଆଁ

ମତ୍ସର—ଧୀର

ଗୁହା—ଗୁମ୍ଫା

ବାହ୍ୟ—ବାହାର

ସାଗର—ସମୁଦ୍ର

## ୧୦.୭ ପଠନ ଅଭ୍ୟାସ

(କ) ନିମ୍ନରେ ପାଠରୁ ଗୋଟି ଅଂଶ ଦିଆଯାଇଛି, ତାକୁ ପଢ଼ନ୍ତୁ ଓ ଦିଆଯାଇଥିବା ପ୍ରଶ୍ନର ଉତ୍ତର କରନ୍ତୁ ।

"ଅକ୍ଟୋପସର ଚେହେରାଟା ଭୟଙ୍କରିଆ, ଦେହଟା ଗୋଲ । ସେହି ଦେହ ବା ମୁଣ୍ଡରେ ଶୁଆ ଥଣ୍ଟ ଭଳି ଗୋଟାଏ ପାଟି, ଡିମା ଡିମା ଆଖି, ମଣିଷ ଅନାଇଲା ଭଳି ସେ ଅନାଏ । ତା ଚାହାଣିରୁ ମନେ ହୁଏ, ତା'ର ଖୁବ୍ ବୁଦ୍ଧି । ଦେହରୁ ବାହାରି ପଡ଼ିଛି ଲମ୍ବ ଲମ୍ବ ଆଠଟା ଗୋଡ଼ । ସେହି ଗୋଡ଼ର ଶେଷ ଆଡ଼କୁ ଦୁଇଧାଡ଼ି କରି ଝଞ୍ଜା ଯାଇଛି ବୁତାଏ ଶୋଷାଗିନା । ସେହି ଗୋଡ ମେଲାଇ ଦେଇ ସେ ଯେତେବେଳେ ଶିକାର ଖୋଜୁଥାଏ, ସେତେବେଳେ ଭୀଷଣ ଦେଖାଯାଏ । ତା' ଚେହେରା ଓ ଚାଲି ଦେଖି ତାକୁ ସମୁଦ୍ରର ବୁଢ଼ୀ ଅସୁରୁଣୀ ବା ସଇତାନ ବୋଲି ନାମ ଦିଆଯାଇଛି । ତା ଚେହେରା ଦେଖି ଅନ୍ୟମାନେ ଏତେ ଡରୁ ଥିଲେ ମଧ୍ୟ ତା'ଠାରୁ ଆକାରରେ ବଡ଼ ସମୁଦ୍ର ଜୀବ ଓ ମଣିଷକୁ ତା'ର ପ୍ରାଣରେ ଡର ।"

**ପ୍ରଶ୍ନ :**

୧. (କ) ସେହି ଗୋଡ଼ର ଶେଷ ଆଡ଼କୁ କ'ଣ ଅଛି ?

(ଖ) ଅକ୍ଟୋପସକୁ କ'ଣ ନାମ ଦିଆଯାଇଛି ?

(ଗ) କେତେବେଳେ ଅକ୍ଟୋପସ ଭୀଷଣ ଦେଖାଯାଏ ?

(ଘ) ଅକ୍ଟୋପସର ଶାରୀରିକ ଗଠନ କିପରି ?

(ଖ) ପାଠରୁ ଆଉ ଗୋଟିଏ ଅଂଶ ନିମ୍ନରେ ଦିଆଯାଇଛି, ପଢ଼ନ୍ତୁ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

"ପୃଥିବୀର ପ୍ରାୟ ସବୁ ସମୁଦ୍ରରେ ଏ ଜୀବ ଦେଖାଯାନ୍ତି । ସୁମେରୁ ଓ କୁମେରୁ ସାଗରରେ ଏମାନଙ୍କ ସଂଖ୍ୟା ଅତି କମ୍ । ଗ୍ରୀଷ୍ମମଣ୍ଡଳରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାନ୍ତି । ସମୁଦ୍ରର ଥଣ୍ଡା ଅଞ୍ଚଳ ଅପେକ୍ଷା ଉଷ୍ଣମ ଅଞ୍ଚଳରେ ଏମାନେ ଭଲଭାବରେ ବଢ଼ନ୍ତି ଓ ଏହି ପାଣିକୁ ବେଶି ପସନ୍ଦ କରନ୍ତି । ସମୁଦ୍ରରେ ଯେଉଁଠି ପାହାଡ଼ ପର୍ବତ ବୁଡ଼ି ରହିଛି, ସେଇଠି ଅନ୍ଧାରୁଆ ପାହାଡ଼ ଗୁମ୍ଫାରେ ଝିଉଲି ଶେପରେ ଏମାନେ ବେଶି ସଂଖ୍ୟାରେ ଆଶ୍ରୟ ନେଇଥାନ୍ତି । ପୋହଳା ପାହାଡ଼ରେ ମଧ୍ୟ ରହିବାର ସୁବିଧା ହୁଏ । ଦେହକୁ ଚେପ୍‌ଟା କରିଦେଇ ପଥର ସନ୍ଧିରେ ଚିପି ହୋଇ ପଶିବା ଏମାନଙ୍କ ପକ୍ଷରେ ସମ୍ଭବ ହୁଏ । ଦିନ ବେଳେ ପଥର ଗୁମ୍ଫାରେ ଶୋଇଯାଇ ସନ୍ଧ୍ୟା ହେଲେ ଶିକାରକୁ ବାହାରି ପଡ଼ନ୍ତି । ଆଉ କେତେ ଜାତି ଅଷ୍ଟପାଦ କୂଳର ଅଗଭୀର ଜଳରେ ଓ ଖୋଲା ସମୁଦ୍ରରେ ମଧ୍ୟ ଭାସନ୍ତି । ଗଭୀର ଜଳରେ ଯେଉଁଗୁଡ଼ିକ ରହନ୍ତି, ସେମାନଙ୍କ ଦେହ ଖୁବ ନରମ । ପାଣିର ପ୍ରବଳ ଚାପ ସମ୍ଭାଳିବାକୁ ସୁବିଧା ହେବ ବୋଲି ବୋଧହୁଏ ଏମାନଙ୍କ ଦେହକୁ ଏଭଳି କରାଯାଇଛି । ସମୁଦ୍ରରେ ଏଗାର ବାର ହଜାର ଫୁଟ ତଳେ ଅକ୍ଟୋପସ ରହିବାର ପ୍ରମାଣ ମିଳିଛି । ଓଡ଼ିଶାର ଗୋପାଳପୁର ନିକଟ ସମୁଦ୍ର ମଧ୍ୟ ଏମାନଙ୍କ ଘର ।"

**ପ୍ରଶ୍ନ :**

(କ) କେଉଁ ସାଗରରେ ଅକ୍ଟୋପସ ସଂଖ୍ୟା ଅତି କମ୍ ?

(ଖ) ଗଭୀର ଜଳରେ ଯେଉଁଗୁଡିକ ରହନ୍ତି ତାଙ୍କ ଦେହ ନରମ ହେବାର କାରଣ କ'ଣ ହୋଇପାରେ ?

(ଗ) ପାହାଡ଼ ଗୁମ୍ଫାରେ କେଉଁଠାରେ ଏମାନେ ଆଶ୍ରୟ ନେଇଥାନ୍ତି ?

(ଘ) ଓଡ଼ିଶାରେ କେଉଁଠାରେ ଅକ୍ଟୋପସ ଦେଖାଯାନ୍ତି ?

# ୧୦.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

**୧୦.୨.୧ର ଉତ୍ତରମାଳା**

୧. (କ) ଅକ୍ଟୋପସ୍‌ର ଚେହେରା ଦେଖିବାକୁ ଭୟଙ୍କରିଆ । ଦେହଟା ତାର ଗୋଲ । ସେହି ଦେହରେ ଶୁଆ ଥଣ୍ଟଭଳି ଗୋଟାଏ ପାଟି ଓ ଡିମାଡିମା ଆଖି ଅଛି । ତା ଦେହରୁ ବାହାରିଛି ଲମ୍ବ ଲମ୍ବ ଆଠଟି ଗୋଡ଼ । ସେହି ଗୋଡ଼ଗୁଡ଼ିକ ମେଲାଇ ମେଲାଇ ସେ ଶିକାର ଖୋଜୁଥାଏ । ସେତେବେଳେ ସେ ଭୀଷଣ ଦେଖାଯାଏ । ତା' ଚେହେରା ଓ ଚାଲି ଦେଖି ତାକୁ ସମୁଦ୍ରର ବୁଢ଼ୀ ଅସୁରୁଣୀ ବୋଲି ନାମ ଦିଆଯାଇ ପାରେ ।

(ଖ) ଅକ୍ଟୋପସ୍ ନିଜର ଇଚ୍ଛା ଅନୁସାରେ ନିଜର ରଙ୍ଗ ବଦଳାଇପାରେ । ସେ ଯେତେବେଳେ ସମୁଦ୍ର ତଳେ ବିଶ୍ରାମ ନେଇଥାଏ । ସେତେବେଳେ ସେହି ସ୍ଥାନର ରଙ୍ଗ ଅନୁସାରେ ନିଜର ରଙ୍ଗକୁ ବଦଳାଇ ଦେଇଥାଏ । ଶିଉଳି ଭିତରେ ବୁଲୁଥିଲାବେଳେ ତା' ରଙ୍ଗ ଶାଗୁଆ ହୋଇଥାଏ । ବିଶେଷଜ୍ଞ ତଥା ବିଜ୍ଞାନୀମାନେ ଅନୁସନ୍ଧାନ କରି ଜାଣିପାରିଛନ୍ତି ଯେ ଅକ୍ଟୋପସ୍‌ର ଚମଡ଼ାରେ ଗୁଡ଼ିଏ ସୂକ୍ଷ୍ମ ରଙ୍ଗ ଖୋପ ଅଛି । ସେ ଖୋପଗୁଡ଼ିକ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିହୁଏ । ଭିନ୍ନ ଭିନ୍ନ ରଙ୍ଗ ପାଇଁ ଭିନ୍ନ ଭିନ୍ନ ଖୋପ ଅଛି । ସେ ଲାଲ ହେବାକୁ ଇଚ୍ଛାକଲେ ଲାଲ ଖୋପଗୁଡ଼ିକୁ ବହୁଗୁଣିତ କରି ଫୁଲାଇ ଦିଏ । ଖୋପର ସଙ୍କୋଚନ ଓ ପ୍ରସାରଣ ଦ୍ୱାରା ଅକ୍ଟୋପସ୍ ନିଜର ରଙ୍ଗ ବଦଳାଇପାରେ ।

(ଗ) ଅକ୍ଟୋପସ୍ ଦୁଇ ଉପାୟରେ ଗତି କରେ । ଗୋଟିଏ ଉପାୟ ହେଉଛି ଯେ ସେ ନିଜ ଦେହ ଭିତରେ ବୁଡ଼ାଏ ପାଣି ଭର୍ତ୍ତି କରିଦିଏ । ସେହି ପାଣିକୁ ଚାପ ଦେଇ ବାହାରକୁ ବାହାର କରିଦିଏ ଓ ଉଡ଼ାଜାହାଜ ଉଡ଼ିଲା ଭଳି ଆଗକୁ ଆଗକୁ ଅକ୍ଟୋପସ୍ ଚାଲିଯାଏ । ଅନ୍ୟ ଉପାୟଟି ହେଉଛି ବାହୁଗୁଡ଼ିକ ସଙ୍କୁଚିତ ଓ ପ୍ରସାରିତ କରି ସେ ଗତି କରିପାରେ । ତା' ବାହୁଗୁଡ଼ିକର ମୂଳଅଂଶକୁ ଯେଉଁ ପତଳା ପରଦା ଯୋଡ଼ିଥାଏ, ତାହା ଅକ୍ଟୋପସ୍‌କୁ ଗତି କରିବା ପାଇଁ ସାହାଯ୍ୟ କରେ ।

୨. (କ) ଶାଗ+ଉଆ=ଶାଗୁଆ (ତଦ୍ଧିତ ପ୍ରତ୍ୟୟ)

ଗମ୍+କ୍ତିନ୍=ଗତି (କୃଦନ୍ତ ପ୍ରତ୍ୟୟ)

(ଖ) ଅନୁ, ପ୍ର ଉପସର୍ଗ ବ୍ୟବହୃତ ହୋଇଛି ।

(ଗ) ବିପରୀତାର୍ଥବୋଧକ ଶବ୍ଦ ଦିଆଯାଇଛି ।

ସୁବିଧା — ଅସୁବିଧା

ଗଭୀର — ଅଗଭୀର

ଚଞ୍ଚଳ — ମନ୍ଥର

ସୂକ୍ଷ୍ମ — ସ୍ଥୂଳ

(ଘ) ଏକାର୍ଥବୋଧକ ଶବ୍ଦ ତଳେ ଦିଆଯାଇଛି, ଦେଖନ୍ତୁ ।

ପାଣି—ଜଳ, ଜୀବନ, ଅମ୍ବୁ, ତୋୟ, ବାରି, ନୀର ।

ପୃଥିବୀ—ଧରା, ଧରଣୀ; ଅବନୀ, ମେଦିନୀ ।

ସମୁଦ୍ର—ରତ୍ନାକର, ସାଗର, ମହୋଦଧି, ଜଳଧି, ପାରାବାର ।

**୧୦.୩.୧ର ଉତ୍ତରମାଳା**

୧. (କ) ଅକ୍ଟୋପସ୍‌ର ପ୍ରଧାନ ଶତ୍ରୁ ହେଉଛି ଇଲ୍ । ଇଲ୍ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସେ ଗୋଟିଏ ପଦ୍ଧତି ଅବଲମ୍ବନ କରିଥାଏ । ପଦ୍ଧତି ହେଉଛି ଏହିପରି ଯେ ଅକ୍ଟୋପସ୍‌ର

ମୁଣ୍ଡର ତଳ ପାଖରେ ପଛକୁ ଗୋଟାଏ ବଙ୍କା ନଳୀ ଅଛି । ଏହି ନଳୀ ପଛକୁ ଗୋଟାଏ କାଳୀର ଥଳି ଅଛି । ସେ ଇଚ୍ଛାକରି ଏହି ଥଳିରୁ କଳାରଙ୍ଗ ଛାଡିଦିଏ । ଏହି ରଙ୍ଗ ଛାଡି ଦେଲେ ଇଲ୍ ତାକୁ ସହଜରେ ଦେଖିପାରେ ନାହିଁ । ରଙ୍ଗଟା ପାଣିରେ ମିଶିବାକୁ କିଛି ସମୟ ଲାଗେ । ସେହି ସମୟ ମଧ୍ୟରେ ରଙ୍ଗଟାକୁ ଅକ୍ଟୋପସ୍ ଭାବି ଇଲ୍ ଆକ୍ରମଣ କଲାବେଳକୁ ଅଷ୍ଟପଦୀ ଆଉ ସେଠାରେ ନଥାଏ; ସେ ଦୂରକୁ ପଳି-ଯାଇଥାଏ । ଏହି କାଳି ପୁଣି ଇଲ୍‌ର ପ୍ରାଣଶକ୍ତିକୁ ବହୁ ପରିମାଣରେ ନଷ୍ଟ କରିଦିଏ । ପ୍ରାଣଶକ୍ତି ନଷ୍ଟ ହୋଇଯିବାରୁ ଇଲ୍ ଆଉ ଅକ୍ଟୋପସ୍‌କୁ ଧରି ପାରେ ନାହିଁ ।

(ଖ) ଅକ୍ଟୋପସ୍‌ର ପ୍ରଧାନ ଖାଦ୍ୟ ହେଲା ଛୋଟ କଙ୍କଡା ଓ ମାଛ । ପର୍ବତର ଗୁହା ଭିତରେ କିମ୍ବା କୋଣରେ ଅକ୍ଟୋପସ ଲୁଚି ବସିଥାଏ ଓ ବାହାରକୁ ଦୃଷ୍ଟି ରଖିଥାଏ । ମାଛଟାଏ ବା କଙ୍କଡ଼ାଟାଏ ତା ଦୃଷ୍ଟିରେ ପଡିଲେ ସେ ବଢ଼ାଇଦିଏ ତାର ଦୁଇ ତିନି ଗୋଟି ହାତ । ସେହି ହାତରେ ଶିକାରକୁ ଟାଣି ଆଣି କାମୁଡି ଖାଇଯାଏ । ଥରେ ତା' କବଳରେ ପଡିଲେ ଶିକାର ସହଜରେ ଖସିଯାଇ ପାରେ ନାହିଁ ।

**୧୦.୩.୨ର ଉତ୍ତରମାଳା**

୧. (କ) ସମ+ତା=ସମତା (ତଦ୍ଧିତ ପ୍ରତ୍ୟୟ)
କୁଶଳ+ଅ=କୌଶଳ (ତଦ୍ଧିତ ପ୍ରତ୍ୟୟ)
ଦଶଗୋଡ+ଇଆ=ଦଶଗୋଡିଆ (ତଦ୍ଧିତ ପ୍ରତ୍ୟୟ)

(ଖ)

| ମୂଳଶବ୍ଦ | | ବିପରୀତାର୍ଥ ଶବ୍ଦ |
|---|---|---|
| ସଫଳ | — | ବିଫଳ |
| ଶତ୍ରୁ | — | ମିତ୍ର |
| କ୍ଷତି | — | ଲାଭ |
| ଅସ୍ଥାୟୀ | — | ସ୍ଥାୟୀ |
| ସମ୍ଭବ | — | ଅସମ୍ଭବ |

**୧୦.୪.୧ର ଉତ୍ତରମାଳା**

୧. (କ) ଅକ୍ଟୋପସ୍‌କୁ ଭୂମଧ୍ୟସାଗର ଓ ଆଟଲାଣ୍ଟିକ ମହାସାଗର କୂଳରେ ବାସ କରୁ-ଥିବା କେତେକ ଜାତିର ଲୋକମାନେ ଶିକାର କରନ୍ତି । ଇଟାଲିର ବହୁ ଲୋକ ଏହାକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଆମେରିକା ମହାଦେଶରେ ଥିବା ଲୋହିତ ଭାରତୀୟମାନେ ଏହାକୁ ଖାଆନ୍ତି । ସମୁଦ୍ର ଭିତରକୁ ହାଣ୍ଡି ଝୁଲାଇ ଅକ୍ଟୋପସ୍‌କୁ ଧରାଯାଏ, ଆଉ ଗୋଟିଏ ଜାତିର ଅକ୍ଟୋପସ୍‌କୁ ଶିକାର କରିବା ପାଇଁ ଲାମ୍ବିସ୍ ନାମକ ଗୋଟିଏ ଶଙ୍ଖକୁ ବ୍ୟବହାର କରାଯାଏ । ସେହି ଶଙ୍ଖରୁ ଛ'ସାତଶହ ଦଉଡିରେ ଗୁନ୍ଥି ସମୁଦ୍ରରେ ପକାଇ ଦିଆଯାଏ । ଛୋଟଛୋଟ ଅକ୍ଟୋପସ୍‌ଗୁଡିକ ସେଥିରେ ପଶି ରହିଯାନ୍ତି । ସକାଳେ ସେହି ଶଙ୍ଖଗୁଡିକ ଉଠାଇଆଣିଲେ ବହୁ ସଂଖ୍ୟାରେ ଅକ୍ଟୋପସ୍ ଶଙ୍ଖ ସହିତ ଉଠିଆସନ୍ତି ।

(ଖ) ଏଡଓ୍ୱାର୍ଡ ରିକେଟସ୍ ଓ ଜାକ୍ କାଲଭିନ୍ 'ପ୍ରଶାନ୍ତ ମହାସାଗରର ଜୁଆର ଓ ଭଟ୍ଟା ମଝିରେ' ପୁସ୍ତକରେ ଲେଖିଛନ୍ତି ଯେ ଅକ୍ଟୋପସର ଉନ୍ନତ ଆଖି ରହିଛି । ଅନ୍ୟ ଅମେରୁଦଣ୍ଡୀ ପ୍ରାଣୀଙ୍କ ମସ୍ତିଷ୍କ ତୁଳନାରେ ଏହା ମସ୍ତିଷ୍କ ବଡ ଓ ଅଧିକ ଶକ୍ତିଶାଳୀ । ଆଠଟି ଗୋଡରେ ଥିବା ମାଂସପେଶୀ ଉପରେ ଏହାର ଖୁବ୍ ନିୟନ୍ତ୍ରଣ ରହିଛି ।

**୧୦.୪.୨ର ଉତ୍ତରମାଳା**

୧. (କ) ସନ୍ଧିବିଚ୍ଛେଦ ହୋଇଛି, ଦେଖନ୍ତୁ—
ଜ୍ଞାନ+ଇନ୍ଦ୍ରିୟ=ଜ୍ଞାନେନ୍ଦ୍ରିୟ
ଗୋ+ଏଷଣା=ଗବେଷଣା
ଉତ୍+ନତ=ଉନ୍ନତ

(ଖ) ଉପସର୍ଗ ସମ୍, ବି ବ୍ୟବହୃତ ହୋଇଛି ।

(ଗ) ବିପରୀତାର୍ଥ ବୋଧକଶବ୍ଦ ଦିଆଯାଇଛି ।

| | | |
|---|---|---|
| ସରୁ | — | ମୋଟା |
| ସହଜ | — | କଷ୍ଟ |

(ଘ) ସପ୍ତ ଅହନ୍‌ର ସମାହାର=ସପ୍ତାହ—ସମାହାର ଦ୍ୱିଗୁ ସମାସ
ନଖିଆ=ଅଖିଆ—ନଞତତ୍‌ପୁରୁଷ ସମାସ

(ଙ) ଭାରତ+ଈୟ=ଭାରତୀୟ (ତଦ୍ଧିତ ପ୍ରତ୍ୟୟ)
ବହିଃ+ଯ=ବାହ୍ୟ (ତଦ୍ଧିତ ପ୍ରତ୍ୟୟ)

### ୧୦.୪.୩ଗ ଉତ୍ତରମାଳା

୧. (କ) ଇଟାଲିରେ ଅକ୍‌ଟୋପସ୍‌କୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ । ସିଙ୍ଗାଇ ଓ ଭାଜି ଲୋକମାନେ ସେଠାରେ ଏହାକୁ ଖାଆନ୍ତି । ଆଉ ମଧ୍ୟ ସାଲାଡ କରି ଖାଇବାର ଦେଖାଯାଏ । ଆମେରିକା ମହାଦେଶରେ ଥିବା ଲୋହିତ ଭାରତୀୟମାନେ ଏହି ଜୀବକୁ ଖାଆନ୍ତି । ଭୂମଧ୍ୟସାଗର ଓ ଆଟଲାଣ୍ଟିକ ମହାସାଗର କୂଳରେ ଥିବା କେତେକ ଲୋକ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କରନ୍ତି । ସେମାନେ ବର୍ଛା ସାହାଯ୍ୟରେ ଏହାକୁ ଶିକାର କରନ୍ତି ।

(ଖ) କେତେକ ଜାତିର ଅକ୍‌ଟୋପସ୍ ଆକାରରେ ବଡ଼ ଓ ଆଉ କେତେକ ଆକାରରେ ଛୋଟ । ବଡ ଅକ୍‌ଟୋପସଙ୍କ ଦେହଟା ଫୁଟବଲ ଭଳି । କେତେକ ଅକ୍‌ଟୋପସଙ୍କ ଆକାର ପିଜୁଳି ଭଳି । ଭାରତ ମହାସାଗରରେ ଯେଉଁ ଜାତିର ଅକ୍‌ଟୋପସ୍ ଅଛନ୍ତି, ସେମାନଙ୍କ ଦେହ ଦେଖିବାକୁ ମଣିଷର ହାତମୁଠା ଆକୃତିର । ସେମାନଙ୍କ ବାହୁର ଲମ୍ବ ହେଉଛି ଅଢ଼େଇ ଫୁଟ ।

(ଗ) ଅକ୍‌ଟୋପସ୍‌ର ଦେହରେ ଆଠଟି ବାହୁଥାଏ । ପ୍ରତ୍ୟେକଟି ବାହୁର ଲମ୍ବ ସମାନ । ପ୍ରତ୍ୟେକଟି ବାହୁ ପରସ୍ପର ସହିତ ଗୋଟିଏ ଗୋଟିଏ ପତଳା ଓ ଶକ୍ତ ପରଦା ଦ୍ୱାରା ସଂଯୁକ୍ତ ହୋଇଥାଏ, ପହଁରିଲାବେଳେ ସେହି ପରଦା ଛତା ବା ପାରାଚୁଟ ଭଳି ଦେଖାଯାଏ ।

୨. (କ) ଦୃଶ୍+କ୍ତିନ୍=ଦୃଷ୍ଟି (କୃଦନ୍ତ ପ୍ରତ୍ୟୟ)
ସ୍ଥା+ଅନ୍=ସ୍ଥାନ (କୃଦନ୍ତ ପ୍ରତ୍ୟୟ)
ସ୍ଥା+ଇନ୍=ସ୍ଥାୟୀ (କୃଦନ୍ତ ପ୍ରତ୍ୟୟ)

(ଖ) ସମ୍+ଗ୍ରହ=ସଂଗ୍ରହ (ବ୍ୟଞ୍ଜନସନ୍ଧି)
ନିଃ+ଚୟ=ନିଶ୍ଚୟ (ବିସର୍ଗସନ୍ଧି)

(ଗ) ଆ, ପ୍ର, ବି ଉପସର୍ଗ ବ୍ୟବହୃତ ହୋଇଛି ।

(ଘ) ପାହାଡର ଗୁମ୍ଫା=ପାହାଡଗୁମ୍ଫା—ଷଷ୍ଠୀ ତତ୍‌ପୁରୁଷ ସମାସ ।

(ଙ) ଶବ୍ଦଗୁଡ଼ିକ ହେବ—ମୋଟାଳିଆ, ପିଲାଳିଆ, ବୁଢ଼ାଳିଆ ।

## ୧୦.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

(କ) ବଡ ଅକ୍‌ଟୋପସ୍ ଦେଖିବାକୁ କିପରି ?

(ଖ) ଅକ୍‌ଟୋପସ୍ ପହଁରିଲାବେଳେ ତାର ବାହୁଗୁଡ଼ିକ କିପରି ଦିଶେ ?

(ଗ) 'ଲାମ୍ବିସ୍' ନାମକ ଶଙ୍ଖ ସାହାଯ୍ୟରେ କିପରି ଅକ୍‌ଟୋପସ୍ ଧରାଯାଏ ?

(ଘ) ଅକ୍‌ଟୋପସ୍ କିପରି ପଛକୁ ଗତି କରିଥାଏ ?

୨. (କ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ପ୍ରତ୍ୟୟ ରହିଛି, ଲେଖନ୍ତୁ—
ଭୟଙ୍କରିଆ, ବଡ଼ି, ଗୁରୁତ୍ୱ ।

(ଖ) କେଉଁ ସନ୍ଧି ନିମ୍ନଲିଖିତ ଶବ୍ଦଗୁଡ଼ିକରେ କିପରି ହୋଇଛି, ଲେଖନ୍ତୁ—
ଅଧିକାଂଶ, ଶ୍ରବଣେନ୍ଦ୍ରିୟ ।

(ଗ) ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ ସମାସ ରହିଛି, ବ୍ୟାସବାକ୍ୟ ସହ ଲେଖନ୍ତୁ—
ପୋହଳା ପାହାଡ଼, ଉପକୂଳ ।

(ଘ) କେଉଁ କେଉଁ ଉପସର୍ଗ ନିମ୍ନଲିଖିତ ଶବ୍ଦଗୁଡ଼ିକରେ ରହିଛି, ଲେଖନ୍ତୁ—
ପ୍ରବାଳ, ବିଫଳ, ଅନୁମାନ ।

(ଙ) ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ସଫଳ, ନରମ, ଉନ୍ନତ, ବଙ୍କା ।

୩. ପାଠଦେଖି ଶୂନ୍ୟ ସ୍ଥାନ ପୂରଣ କରନ୍ତୁ ।

(କ) ଗ୍ରୀଷ୍ମମଣ୍ଡଳରେ ଏମାନେ — ସଂଖ୍ୟାରେ ଦେଖାଯାନ୍ତି ।

(ଖ) ଦେହରୁ ବାହାରି ପଡିଛି ଲମ୍ବ ଲମ୍ବ — ଗୋଡ଼ ।

(ଗ) ଇଟାଲିରେ ଏବେ ମଧ୍ୟ — ଅକ୍‌ଟୋପସ୍ ବିକ୍ରି ହୁଅନ୍ତି ।

(ଘ) ତା' ମୁଣ୍ଡର ତଳ ପାଖରେ ପଛକୁ ଗୋଟାଏ — ଅଛି ।

(ଙ) ଦୁଇ ଉପାୟରେ ସେମାନେ — କରନ୍ତି ।

୪. ନିମ୍ନଲିଖିତ ବାକ୍ୟଗୁଡ଼ିକରେ ପଦଗୁଡ଼ିକ ଅସଜଡ଼ା ହୋଇ ରହିଛି, ତାକୁ ସଜାଡ଼ି ଲେଖନ୍ତୁ—

(କ) ତିନିଫୁଟରୁ ଅଧିକାଂଶ ନୁହନ୍ତି ଭିତରୁ ସେମାନଙ୍କ ବାହୁ ମେଲେଇଲା ବେଳେ ଅଧିକ ।

(ଖ) ବଳ ଏହି ହେବ ନାହିଁ ଯେ ହାତଗୁଡ଼ିକରେ ବିଶ୍ୱାସ କରି ଏତେ ।

(ଗ) ଘର ନିକଟ ଓଡ଼ିଶାର ସମୁଦ୍ର ମଧ୍ୟରେ ଏମାନଙ୍କ ଗୋପାଳପୁର ।

୫. ମୂଳପାଠରେ ବ୍ୟବହୃତ ତିନି ଗୋଟି ଇଂରାଜୀ ଶବ୍ଦ ବାଛି ଲେଖନ୍ତୁ ।